### ମା' ରାମଚଣ୍ଡୀ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

# ମନ ମୋହିଲା ପାଇକ ଆଖଡ଼ା ଓ ପଶୁମୁଖା ନୃତ୍ୟ

ଗଞ୍ଜାମ,୮ ।୨(ସମିସ):



ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡ଼ା ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମ ନିକଟରେ ଚାଲିଥିବା ମା' ରାମଚଣ୍ଡୀ ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଖୋର୍ଦ୍ଧାର ପାଇକ ଆଖଡ଼ା ସହ ସ୍ଥାନୀୟ ଅଞ୍ଚଳର କାଳାକାର ମାନଙ୍କ ପଶୁମୁଖା ନୃତ୍ୟ, ଲୋକ ନୃତ୍ୟ ଓ ଆଧୁନିକ ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା।

ମୁଖ୍ୟଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ମା'ଙ୍କ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପରିପ୍ରକାଶ ହୋଇପାରିଲେ ଏହି ପୀଠକୁ ପର୍ଯ୍ୟଟନ ମାନ୍ୟତା ମିଳିବାରେ ସହଜ ହେବ ବୋଲି କହିଥିଲେ। ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଏନ. ନାରାୟଣ ରେଡି, ଲୋକ ସେବକ ମଣ୍ଡଳ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, ବିଶିଷ୍ଟ ପରିବେଶବିତ ସୁବାସ ମହାରଣା, ବିଶିଷ୍ଟ ସମାଜସେବୀ ଏ. ଶନ୍ତୁ ପାତ୍ର, ଭାଗିରଥି ବେହେରା, ପ୍ରଶାନ୍ତ କର, ଗଣମାଧ୍ୟମ ବ୍ୟକ୍ତିତ୍ୱ ସୁଧାଂଶୁ ଶେଖର ରାଉତ, ଅସୀତ ପଣ୍ଡା, ଦେବ କୁମାର, ସତୀଶ କୁମାର ଦାଶ, ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ସ୍ୱାଇଁ, ଗ୍ରାସୀମ କମ୍ପାନୀ ୟୁନିଟ ହେଡ଼ ଅଜୟ ଗୁପ୍ତା ପ୍ରମୁଖ ଯୋଗଦେଇ ଥିଲେ। ସାଇ ସ୍ୱସ୍ତିକ ମୋହନ ବିଶୋଇ, ଶୀତଲ ପାତ୍ର, ଐଶୋର୍ଯ୍ୟା ବେହେରା, ରବି କୁମାର, ସ୍ମୃତିକା ପାଢ଼ୀ ପ୍ରମୁଖ କଳାକାରଙ୍କ କଳା ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା। ଟ୍ରଷ୍ଟି ସଦସ୍ୟା ମଞ୍ଜୁଳା ପଣ୍ଡା, ପୂଜା କମିଟି ସଭାପତି ସିଏଚ ଦୟାନିଧି ରେଡ଼ି, ସଂଯୋଜକ କମଳ ପଣ୍ଡା, ଉପଦେଷ୍ଟା ମହାରଜା କୃଷ୍ଣଚନ୍ଦ୍ର ନାୟକ, ତ୍ରିପତି ବାଲାଜି ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସରପଞ୍ଚ ଅଜୟ ନାୟକ ପ୍ରମୁଖଙ୍କ ସହ ସମସ୍ତ କମିଟି କର୍ମକର୍ତ୍ତା ଓ ମେମ୍ବର ସହଯୋଗ କରିଥିଲେ।

## ଜିଲ୍ଲା ମୂର୍ତ୍ତିଶିଳ୍ପୀ ଓ ପଟ୍ଟଚିତ୍ର କଳାକାରଙ୍କ ବୈଠକ



କବିସୂର୍ଯ୍ୟନଗର,୮ ।୨(ସମିସ): ଗଞ୍ଜାମ ଜିଲ୍ଲାର ସମସ୍ତ ମୂର୍ତ୍ତିଶିଳ୍ପୀ, ପଟ୍ଟଚିତ୍ର ଓ ରଙ୍ଗତୂଳୀ କଳାକାର ସଂଘ କର୍ମକର୍ତ୍ତା ଓ କଳାକାରଙ୍କୁ ନେଇ ଏକ ସାଂଗଠନିକ ବୈଠକ ସ୍ଥାନୀୟ ବନଦେବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା କଳାକାର ସଂଘ ଉପସଭାପତି ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଂଘ ସମ୍ପାଦକ ହୀନ ସ୍ୱାଇଁ, ଅକ୍ଷୟ କୁମାର ସାହୁ, ଭଗବାନ ବେହେରା, ଆୟୋଜକ ସୁଶାନ୍ତ କୁମାର ମହାନ୍ତି, ସ୍ଥାନୀୟ କଳାକାର ସଂଘ ସମ୍ପାଦକ ରଘୁନାଥ ନାହାକ, ଉପଦେଷ୍ଟା ଦେବାନନ୍ଦ ନାୟକ, ସନାତନ ଗୌଡ଼ ବ୍ୟତୀତ ବେଗୁନିଆପଡାର ରବିନାରାୟଣ ପଣ୍ଡା, ବୁଗୁଡ଼ାର କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଠଗଡ଼ପାଟଣାର ବରିଷ୍ଠ କଳାକାର ବି. ତ୍ରିନାଥ ପାତ୍ରଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ଅତିଥି। ପ୍ଲାଷ୍ଟର ଅଫ ପାରିସ, ସଂଘ ପଞ୍ଜିକରଣ, ଜୀବନବୀମା, ଲୋନ, ପରସ୍ପର ବିପଦ ସମୟରେ ସାହାର୍ଯ୍ୟ, ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ।

## ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

### ● ସଫଳ ଉଦ୍ୟୋଗୀ ରଞ୍ଜନ ମହାପାତ୍ର ସମ୍ବର୍ଦ୍ଧିତ



ଛତ୍ରପୁର,୮ ।୨(ସମିସ): ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ତଥା ଓଡିଶା ବାଣିଜ୍ୟ ସୋସାଇଟିର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ଡ.ପ୍ରଫୁଲ କୁମାର ମହାନ୍ତି ସାଂପ୍ରତିକ ସମୟରେ ବାଣିଜ୍ୟ ଶିକ୍ଷାର ଆବଶ୍ୟକତା ତଥା ଛାତ୍ରଛାତ୍ରୀମାନଙ୍କୁ ଏଦିଗରେ ଉତ୍ସାହିତ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଡ.ଶ୍ରଦ୍ଧାନନ୍ଦ ଦାଶ ଓ ଅବସରପ୍ରାପ୍ତ ପ୍ରଧାପକ ଡ.ଜଗନ୍ନାଥ ପଣ୍ଡା ଯୋଗଦେଇ ଆଜିର ସମୟରେ ଡିଜିଟାଲ ସେବା ଓ ବାଣିଜ୍ୟ କ୍ଷେତ୍ରରେ ଡିଜିଟାଲର ପ୍ରୟୋଗକୁ ଗୁରୁତ୍ୱ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିବା ଯୁବ ଉଦ୍ୟୋଗପତି ତଥା ୟୁରୋ ସ୍କୁଲର ଅଧ୍ୟକ୍ଷ ରଞ୍ଜନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶ୍ରୀ ମହାପାତ୍ର ଛାତ୍ରଛାତ୍ରୀ ମାନେ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଇ ପ୍ରଥମେ ନିଜକୁ ଦକ୍ଷଶୀଳ ଭାବେ ଗଢ଼ିବାକୁ ହେବ ବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ଡ.ପିଙ୍କିରାଣୀ ଦେଇ ବିବରଣୀ ପଠନ କରିଥିବା ବେଳେ ଡ.ବିଶ୍ୱମୋହନ ଜେନା ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧାପିକା ଡ.ସୁଚିସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଧାପକ ପ୍ରଭାକର ପାଢ଼ି, ଡ.ବିଷ୍ଣୁପ୍ରସାଦ କର, ଡ.ଡାଏନା ପ୍ରଧାନ ଓ ଡ.ପ୍ରଣତି ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ■ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସମ୍ମିଳନୀ

## ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା




ଛତ୍ରପୁର,୮ ।୨(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସୀତାନଗର, ପାଇକପଡା, ଚମାଖଣ୍ଡି ଛକ ଏବଂ ଚମାଖଣ୍ଡି ଗାଁର ମିଳିତ ଶାଖା ସମ୍ମିଳନୀ ଚମାଖଣ୍ଡି କମ୍ୟୁନିଟ ହଲ୍‌ଠାରେ ଏନ. ସୀମାଞ୍ଚଳ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ପରିଷଦ ସଭ୍ୟ ଏନ. ନାରାୟଣ ରେଡ୍ଡୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣା ନୀତିକୁ କଡ଼ା ସମାଲୋଚନା କରିବା ସହିତ ରାଜନୈତିକ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀକୁ ଜିଲ୍ଲା ସହସମ୍ପାଦକ ନୀଳକଣ୍ଠ ଦାଶ ଉଦ୍‌ଘାଟନ କରିବା ସହିତ ୪ଟି ଶ୍ରମ କୋଡ଼ ଏବଂ ଜନ ବିରୋଧୀ ବିଲ-୨୦୨୫କୁ ରଦ୍ଦ କରିବା ଏବଂ ମନରେଗା ଯୋଜନାକୁ ବଞ୍ଚାଇବା ସହିତ ବିଭିନ୍ନ ଦାବି ନେଇ ଫେବୃଆରୀ ୧୨ ସାଧାରଣ ଧର୍ମଘଟରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଉତ୍କଳ ମହିଳା ସମିତିର ରାଜ୍ୟ ଉପସଭାନେତ୍ରୀ ଏନ. ଭାନୁମତି ରେଡ୍ଡୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଚମାଖଣ୍ଡି ଆଞ୍ଚଳିକ ପରିଷଦ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ ବିକେଏମୟୁ ରାଜ୍ୟ ନେତା ଗୁରନାଥ ପ୍ରଧାନ ଓ ସୀମାଞ୍ଚଳ ସାହୁଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଦଳୀୟ ପତାକାକୁ ଏନ. ପାଣ୍ଡେୟା ରେଡ୍ଡୀଉତ୍ତୋଳନ କରିଥିଲେ। ସର୍ବସମ୍ମତି କ୍ରମେ ଚମାଖଣ୍ଡି ଛକ ଶାଖା ସମ୍ପାଦକ ଭାବେ କେଶବ ବେହେରା, ଚମାଖଣ୍ଡି ଗାଁ ଶାଖା ସମ୍ପାଦକ ଭାବେ କେ. ଗଣେଶ ରେଡ୍ଡୀ, ସୀତାନଗର ଶାଖା ସମ୍ପାଦକ ଭାବେ ଗୌରାଙ୍ଗ ପ୍ରଧାନ ଏବଂ ପାଇକପଡା ଶାଖା ସମ୍ପାଦକ ଭାବେ ଏସ. ହରିହର ରେଡ୍ଡୀଙ୍କୁ ଚୟନ କରାଯାଇଥିଲା।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ



ଛତ୍ରପୁର,୮ ।୨(ସମିସ): ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଛତ୍ରପୁର ଶାଖା ତରଫରୁ ଏକ ବୈଠକ ସଭାପତି ସୁରେନ୍ଦ୍ରନାଥ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ସୋମନାଥ ସାହୁ, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପାଢ଼ୀ, ଉପସଭାପତି ଡ଼ଃ.ପ୍ରଶାନ୍ତ କୁମାର ଶତପଥୀ, କୋଷାଧ୍ୟକ୍ଷ ଜି. ପାପା ରାଓ ମଞ୍ଚାସୀନ ରହି ନିଜ ଅଭିଭାଷଣରେ ସମାଜ ପ୍ରତି ଅବସରପ୍ରାପ୍ତ କର୍ମଚାରୀ ସଂଘର ଆବଶ୍ୟକତା ଏବଂ ସେମାନେ ଭୋଗୁଥିବା ଅସୁବିଧା ଗୁଡିକର ତୁରନ୍ତ ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସ୍ୱର୍ଗତ ବିନିତା ମହାପାତ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ଏବଂ ଭୁବନେଶ୍ୱର ମେଡିକାଲରେ ଚିକିତ୍ସାରତ ବସନ୍ତ କୁମାର ଲେଙ୍କାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଗତ ସାଧାରଣତନ୍ତ୍ର ଦିବସରେ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିବାରୁ ଛତ୍ରପୁର ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ପାଇଁ ଧନ୍ୟବାଦ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସର୍ବଶ୍ରୀ ନିରଞ୍ଜନ ତ୍ରିପାଠୀ, ଅଶ୍ୱିନୀ କୁମାର ଚୌଧୁରୀ, ସୂର୍ଯ୍ୟନାରାୟଣ ଦାସ, ପ୍ରକାଶ ଦାସ, ଏ. ବିଶ୍ୱମ୍ବର, ପ୍ରଦୀପ ପଣ୍ଡା, ଘନଶ୍ୟାମ ବେହେରା, ତ୍ରିନାଥ ସାହୁ, ରବୀନ୍ଦ୍ର ଦାସ, ଭାସ୍କର ସ୍ୱାଇଁ, ବିଜୟ କୁମାର ବେହେରା, ବ୍ରହ୍ମାନନ୍ଦ ପାଢ଼ୀ, ପୀତବାସ ପାଣିଗ୍ରାହୀ, କିଶୋର ଚୌଧୁରୀ, ଜଗନ୍ନାଥ ଘଡେଇ, ରବୀନ୍ଦ୍ର ନାଥ ଦାସ ଉପସ୍ଥିତ ରହିଥିଲେ।

## ପାଇକ ସର୍ଦ୍ଦାର ଐରିସଲ ପ୍ରତାପ ଚନ୍ଦ୍ର ରାଉତଙ୍କ ପରଲୋକ



ସାନଖେମୁଣ୍ଡି,୮ ।୨(ସମିସ): ଗଞ୍ଜାମ ଜିଲ୍ଲା ବଡ଼ଖେମୁଣ୍ଡି ରାଜ୍ୟ(ଦିଗପହଣ୍ଡି)ର ପାଇକ ସର୍ଦ୍ଦାର ଐରିସଲ ଗୁଣ୍ଡିଚା ରାଉତଙ୍କ ବଂଶାନୁକ୍ରମ ଉତ୍ତରାଧିକାରୀ ଆଡ଼ପଡ଼ା ଗ୍ରାମ ନିବାସୀ ସର୍ଦ୍ଦାର ଐରିସଲ ପ୍ରତାପ ଚନ୍ଦ୍ର ରାଉତ (୭୧)ଙ୍କ ରବିବାର ପୂର୍ବାହ୍ନରେ ପରଲୋକ ଘଟିଛି। ସେ ବହୁଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ପୁଅ ନୀଳମାଧବ ରାଉତ ଆଡ଼ପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଥିବା ବେଳେ ତାଙ୍କ ବୋହୂ ଶର୍ମିଷ୍ଠା ରାଉତ ବର୍ତ୍ତମାନ ସରପଞ୍ଚ ଅଛନ୍ତି। ତେବେ ତାଙ୍କ ବିୟୋଗ ଖବର ଶୁଣି ବହୁ ରାଜନେତା, ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ବସ୍ ଧକ୍କାରେ ବୃଦ୍ଧା ମୃତ

ଦିଗପହଣ୍ଡି,୮ ।୨(ସମିସ): ରବିବାର ଅପରାହ୍ନରେ ଦିଗପହଣ୍ଡି ଥାନା ଅଧିନସ୍ଥ ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଛକ ନିକଟରେ ମୁଖ୍ୟମନ୍ତ୍ରୀ ବସ୍ (ନଂ. ଓଡ଼ି୩୨ କେ -୧୮୦୯) ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବି . ତୁରୁବୁଡି ପଞ୍ଚାୟତ ଝରିପଦର ଗ୍ରାମର କେ. ଶାରଶୁଲୁ ରେ‡ୀ (୬୫)। ବୃଦ୍ଧା ଜଣକ ଗତ ୧୦ ଦିନ ପୂର୍ବେ ବଜାପଲ୍ଲୀ ଗ୍ରାମରେ ରହୁଥିବା ବଡ଼ ବୋହୂଙ୍କ ଘରକୁ ଆସିଥିଲେ। ରବିବାର ଅପରାହ୍ନ ପ୍ରାୟ ସାଢେ ୨ ଟାରେ ସେ ରାସ୍ତା ପାର ହୋଇ ଗ୍ରାମକୁ ଚାଲି ଚାଲି ଯାଉଥିବାବେଳେ ଦିଗପହଣ୍ଡିରୁ ଗୋକର୍ଣ୍ଣପୁର ଦେଇ ବି. ତୁରୁବୁଡି ଗ୍ରାମ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ମୁଖ୍ୟମନ୍ତ୍ରୀ ବସ୍‌ଟି ତାଙ୍କୁ ଧକ୍କା ଦେଇ ମାଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଦିଗପହଣ୍ଡି ଓ ପରେ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ବସ୍‌ଟିକୁ ଲୋକେ ଅଟକାଇ ରଖିଥିଲେ। ସେଠାରେ ଚାପା ଉତ୍ତେଜନା ଲାଗିରହିଥିଲା। ଦିଗପହଣ୍ଡି ଥାନା ଏଏସଆଇ କହ୍ନେଇ ମିର୍ଦ୍ଧା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଏମ୍. ସନ୍ତୋଷ କୁମାରଙ୍କ ଉପସ୍ଥିତିରେ ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ବସ୍‌କୁ ଜବତ କରି ଥାନାକୁ ଅଣାଯିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

## ବାଳିକା ଶିକ୍ଷା କର୍ମଶାଳା ଓ ନିଷ୍କ୍ରମଣ ଉତ୍ସବ

ଛତ୍ରପୁର,୮ ।୨(ସମିସ): ଛତ୍ରପୁର ଶ୍ରୀରାମ ନଗର ସ୍ଥିତ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ଶିବିର, ବାଳିକା ଶିକ୍ଷା କର୍ମଶାଳା ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ନିଷ୍କ୍ରମଣ ପାଳନ କରାଯାଇଥିଲା। ଶିଶୁ ବାଟିକାର ଶିଶୁ ଭାଇଭଉଣୀ ମାନଙ୍କୁ ନେଇ ଶିଶୁ ବାଟିକା ପ୍ରମୁଖ ବି ସୁଶିଳା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତର ବିଷ୍ଣୁପ୍ରିୟା ସେଠୀ ଯୋଗ ଦେଇ ଶିଶୁ ଭଉଣୀ ମାନଙ୍କ ସୁନ୍ଦର ସ୍ୱାସ୍ଥ୍ୟର ସୁରକ୍ଷା ଓ ଯତ୍ନ କିପରି ନେବେ ତାହା ମାର୍ଗ ଦର୍ଶନ କରିଥିଲେ। ଆଇନଜୀବୀ ଅଳକା ମିଶ୍ର ଯୋଗ ଦେଇ ଶିଶୁ ଭଉଣୀ ମାନେ ଉତ୍ତମ ଭବିଷ୍ୟତ ଗଠନ ନିମନ୍ତେ କାମନା କରିଥିଲେ। ଏଥିରେ ପଞ୍ଚମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୪୫ ଜଣ ଶିଶୁ ଯୋଗ ଦେଇଥିଲେ। ସେହିଭଳି ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜ୍ଞାନ ଶିକ୍ଷକ ସୂର୍ଯ୍ୟନାରାୟଣ ଦାଶ ଯୋଗଦେଇ ପ୍ରତିଯୋଗିତା ମୂଳକ ଦୁନିଆରେ ଶିଶୁ ମାନେ କିଭଳି ଭାବରେ ନିଜର ସଠିକ ରାସ୍ତା ଚୟନ କରିବେ ସେନେଇ କେତେକ ଗୁରତ୍ୱପୂର୍ଣ୍ଣ କଥା ରଖିଥିଲେ। ସ୍ଥାନୀୟ ଗୌରିଶଙ୍କର ମନ୍ଦିରରେ ରୁଦ୍ରାଭିଷେକ କୈଳାଶ ଚନ୍ଦ୍ର ଶତପଥି ଓ ଚତୁର୍ଭୁଜ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ।




ପ୍ରଧାନଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାପତି ପଦ୍ମଚରଣ ସାହୁ ଆର୍ଶିବଚନ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ସୁରେଶ ଆଚାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶ୍ରୀକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ସଦସ୍ୟ ରାମ ପ୍ରସାଦ ପଟ୍ଟନୟକ, ସଦସ୍ୟା ସୁନୀତା ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଶେରଗଡ଼,୮ ।୨(ସମିସ): ଶେରଗଡ଼ ବ୍ଲକ କୁମାରପାଣି ପଞ୍ଚାୟତ ଭେଟସିଙ୍ଗି ଗ୍ରାମବାସୀ ଓ ୟଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଥମ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟକୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଓ କୁମାରପାଣି ପଞ୍ଚାୟତର ପୂର୍ବତନ ସରପଞ୍ଚ ପର୍ଶୁରାମ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ, ଖିରିଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିରୁପାକ୍ଷ ବିଷୋୟୀ, ବିଜେଡି ଯୁବ ନେତା ସତ୍ୟ ପଟ୍ଟନାୟକ, ପଞ୍ଚାୟତର ଯୁବନେତା ସତ୍ୟବାନ ସ୍ୱାଇଁ, ଅରୁଣ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଜିଲ୍ଲାର ବଛା ବଛା ୧୫ଟି ଏବଂ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ମୋଟ ୧୬ଟି ଅଂଶଗ୍ରହଣ କରିଛନ୍ତି। ଆଜିର ପ୍ରଥମ ଉଦଘାଟନୀ ଦିବସରେ ଆସିକା ଏସ୍‌କେବି-୭୩ ଏବଂ ଇଗଲ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆସିକା ଏସକେବି-୭୩ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ଇଗଲ କ୍ରିକେଟ କ୍ଲବର ଲୁଇସଙ୍କ ୧୩୦ ରନ ସହାୟତାରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୭ ରନ ସଂଗ୍ରହ କରିଥିଲେ। ଏସକେବି-୭୩ ପକ୍ଷରୁ ଶେଖ ମନସୁର ଅଲ୍ଲୀ ୫ ୱିକେଟ ନେଇଥିଲେ। ଜବାବରେ ଏସକେବି-୭୩ ବ୍ୟାଟିଂ ଲାଗି ପଡିଆକୁ ଓହ୍ଲାଇ ଥିବାବେଳେ ଓପନର ଶେଖ ମନସୁର ଅଲ୍ଲୀଙ୍କ ୬୦, ଅରୁପାନନ୍ଦଙ୍କ ୨୩ ରନ ସହାୟତାରେ ୧୫.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଶେଖ ମନସୁର ଅଲ୍ଲୀଙ୍କୁ ଶିକ୍ଷକ ଫନୀଲ କୁମାର ସ୍ୱାଇଁ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଦେବାଶିଷ ସାହୁ ଓ ତାରିଣୀ ସ୍ୱାଇଁ ପରିଚାଳନା କରିଥିବା ବେଳେ ୟଙ୍ଗ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଛତ୍ରପୁର ଉପଖଣ୍ଡକୁ ହରାଇ ଡୁଡା ଚାମ୍ପିଅନ

ଦିଗପହଣ୍ଡି, ୮ ।୨(ସମିସ):

ଦିଗପହଣ୍ଡି ହାଇସ୍କୁଲ ଖେଳ ପଡ଼ିଆରେ ରବିବାର ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ୟୁଏଲ୍‌ବିଟି-୧୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଜିଲ୍ଲାର ସମସ୍ତ ପୌର ପରିଷଦରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ କର୍ମଚାରୀଙ୍କ ମଧ୍ୟରୁ ମନୋନୀତ ଖେଳାଳି ଅଂଶଗ୍ରହଣ କରିଥିଲେ। ନିର୍ଦ୍ଧାରିତ ୧୦ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚରେ ଭଞ୍ଜନଗର ଉପଖଣ୍ଡ କ୍ରିକେଟ ଟିମ୍‌କୁ ପରାଜିତ କରି ଗଞ୍ଜାମ ଜିଲ୍ଲା ପୌର ଉନ୍ନୟନ ସଂସ୍ଥା (ଡୁଡା) ବିଜୟୀ ହୋଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚରେ ବ୍ରହ୍ମପୁର ଉପଖଣ୍ଡ କ୍ରିକେଟ୍ ଟିମ୍‌କୁ ପରାଜିତ କରି ଛତ୍ରପୁର ଉପଖଣ୍ଡ କ୍ରିକେଟ ଟିମ୍ ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଛତ୍ରପୁର ଉପଖଣ୍ଡ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦୮ ରନ୍ ସଂଗ୍ରହ କରିଥିବା ବେଳେ ଜିଲ୍ଲା ପୌର ଉନ୍ନୟନ ସଂସ୍ଥା (ଡୁଡା) କ୍ରିକେଟ ଟିମ୍ ନିର୍ଦ୍ଧାରିତ ଓଭର ମଧ୍ୟରେ ବିଜୟ ଲକ୍ଷ୍ୟ ହାସଲ କରି ଚାମ୍ପିୟନ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବି.ସନ୍ଦୀପ କୁମାର ମନୋନୀତ ହୋଇଥିବା ବେଳେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ସୌମ୍ୟ କୁମାର, ଶ୍ରେଷ୍ଠ ବୋଲର ଭାବେ ସବ୍ୟସାଚୀ ପ୍ରଧାନ ଏବଂ ଶ୍ରେଷ୍ଠ ଫିଲ୍ଡର ଭାବେ ଦିଗପହଣ୍ଡି ଏନ୍‌ଏସି ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ମ୍ୟାଚ୍ ଶେଷରେ ପୁରସ୍କାର ବିତରଣ ଉତ୍ସବରେ ବିଜେତା ଓ ଉପ ବିଜେତା ଟିମ୍ ସମେତ ଅନ୍ୟାନ୍ୟ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଜିଲ୍ଲା ପୌର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର କେରକେଟ୍ଟା, ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା,ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ଗଞ୍ଜାମ ଏନଏସି ନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ, ରମ୍ଭା ଏନଏସି ନିର୍ବାହୀ ଅଧିକାରୀ ଆଶାଲତା ରଚାମାର୍ଲା, ଛତ୍ରପୁର ଏନଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାସ,ଆସିକା ଏନଏସି ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ରଙ୍କ ସମେତ ବିଭିନ୍ନ ଏନଏସି ର ନିର୍ବାହୀ ଅଧିକାରୀ ବୃନ୍ଦ, ଦିଗପହଣ୍ଡି ଏନଏସି କାଉନସିଲର ସୁନିଲ୍ କୁମାର ପଣ୍ଡା, ସୁଶାନ୍ତ କୁମାର ପାତ୍ର, କାଉନସିଲର ପ୍ରତିନିଧି ରଞ୍ଜିତ କୁମାର ବେହେରା, ରମେଶ ଚନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ହରିହର ହାଇସ୍କୁଲର ବାର୍ଷିକ ଉତ୍ସବ

ଆସିକା, ୮ ।୨(ସମିସ): ସ୍ଥାନୀୟ ହରିହର ହାଇସ୍କୁଲର ୧୧୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ୨୦୨୫ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସଙ୍ଗୀତ ପାଢ଼ୀ, ମୁଖ୍ୟବକ୍ତା ରୂପେ ବ୍ଲକ ଶିକ୍ଷା ଅଧିକାରୀ ମୁନରାଣୀ ମହାନ୍ତି ସମ୍ମାନିତ ଅତିଥି ଭାବେ ସରକାରୀ ଏନ୍ଏସି ହାଇସ୍କୁଲର ପ୍ରଧାନ ଶିକ୍ଷକ ବଳରାମ ପଣ୍ଡା, ଆସିକା ପ୍ରେସ କ୍ଲବ୍‌ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ରଥ, ଅବସରପ୍ରାପ୍ତ ବର୍ଷୀୟାନ



ଶିକ୍ଷକ ଗଣେଶ ରଥ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ପ୍ରଦୀପ ରାଉତ, ସମାଜସେବୀ ସତ୍ୟନାରାୟଣ ସ୍ୱାଇଁ, ପିଟିଏ ସଭାପତି ସୁଶାନ୍ତ ସିଅ ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ । ଛାତ୍ର ଓଛାତ୍ରୀଙ୍କ ବୌଦ୍ଧିକ ବିକାଶ ରେ ଶିକ୍ଷକ ଓ ଅଭିଭାବକଙ୍କ ସମ ପରିମାଣ ଗୁରୁ ଦାୟିତ୍ୱ ରହିଥିବା ଅତିଥିମାନେ ଏହି ଅବସରରେ ପ୍ରକାଶ କରିଥିଲେ ।ବର୍ତ୍ତମାନ ସରକାରଙ୍କ ଦ୍ୱାରା ପି ଏମ୍ ଶ୍ରୀ ଯୋଜନା ରେ ସାମିଲ ହରିହର ଉଚ୍ଚ ବିଦ୍ୟାଳୟ ର ବହୁ କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବିପଦକୁ ଡାକୁଛି ଯାତ୍ରୀ ବିଶ୍ରାମାଗାର

ଫିରିଙ୍ଗିଆ, ୮ ।୨(ସମିସ)



ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ ସଖିପଡ଼ା ରାସ୍ତା କଡରେ ଥିବା ଭଙ୍ଗା ପରିତ୍ୟକ୍ତ ଯାତ୍ରୀ ବିଶ୍ରାମାଗାର ବର୍ତ୍ତମାନ ବିପଦପୂର୍ଣ୍ଣ ଭାବରେ ରହିଛି । ଏହା ଗାଡି ଚାଳକଙ୍କ ପାଇଁ ବିପଦ ସାଜିଥିବା ବେଳେ ପାଖରେ ଅଙ୍ଗନବାଡି କେନ୍ଦ୍ରଥିବାରୁ ଶିଶୁଙ୍କ ପାଇଁ ମଧ ବିପଦ ସାଜିଛି । ସଖିପଡ଼ା ଗ୍ରାମବାସୀ ବିଭିନ୍ନ ଜାଗାକୁ ଯିବାଆସିବା ବେଳେ ବିଶ୍ରାମ ନେବା ପାଇଁ ସଖିପଡ଼ା ଗାଁର ମାଣ୍ଡ୍ରୀପଡ଼ା ଠାରୁ ସାଡିଙ୍ଗିଆ ଯାଇଥିବା ରାସ୍ତା କଡରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା । ଏଥିରେ ଲୋକେ ଉପକୃତ ହେଉଥିଲେ । ହେଲେ କିଛି ବର୍ଷ ପୂର୍ବେ ମାଣ୍ଡ୍ରୀପଡ଼ା ଠାରୁ ସାଡିଙ୍ଗିଆ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନୂତନ ରାସ୍ତା ନିର୍ମାଣ କରାଯାଇଛି । କିନ୍ତୁ ସାକ୍ଷୀପଡ଼ା ବୁଲାଣି ରାସ୍ତାକଡରେ ଥିବା ଭଙ୍ଗା ପରିତ୍ୟକ୍ତ ବିଶ୍ରାମାଗାରକୁ ନ ଭାଙ୍ଗି ରାସ୍ତା ନିର୍ମାଣ କରାଯାଇଥିବାରୁ ଓ ବୁଲାଣି ଜାଗାରେ ଥିବାରୁ ଠିକ ଭାବରେ ଉଭୟ ପାର୍ଶ୍ୱକୁ ଦେଖା ଯାଉନାହିଁ । ଏଥିନେଇ ଗାଡିଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଅଙ୍ଗନବାଡି କେନ୍ଦ୍ରଗୃହ ନିକଟରେ ଥିବା ଏବଂ ଶିଶୁମାନେ ଭଙ୍ଗା ଯାତ୍ରୀ ବିଶ୍ରାମାଗାର ଭିତରେ ଖେଳୁଥିବାରୁ କେତେବେଳେ ଯେ ଅଘଟଣ ଘଟିବ ତାହା ମଧ କହିହେଉ ନାହିଁ । ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଏସମ୍ପର୍କରେ ଜଣାଇଥିଲେ ମଧ ରାସ୍ତା କଡରେ ରାସ୍ତାକୁ ଲାଗି ରହିଥିବା ବିଶ୍ରାମାଗାରକୁ ଭଙ୍ଗା ଯାଉନଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ । ସମସ୍ୟା ଓ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ବିଶ୍ରାମାରକୁ ଭାଙ୍ଗି ରାସ୍ତା କଡ଼ରୁ ହଟାଇବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବିଜେପି ଗଡ଼ରେ କଂଗ୍ରେସର ରଣହୁଙ୍କାର

ରଙ୍ଗେଇଲୁଣ୍ଡା, ୮ ।୨(ସମିସ): ଗୋପାଳପୁର ନିର୍ବାଚନମଣ୍ଡଳୀ ମେଣ୍ଟରାଜପୁର ପଞ୍ଚାୟତ ପାନ୍ନାପୁଲ୍ଲୀ ଗ୍ରାମରେ କଂଗ୍ରେସ ଦଳର କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସନ୍ତାବର୍ଷ ପଞ୍ଚାୟତ ନିର୍ବାଚନ ଥିବା ବେଳେ ରାଜନୀତି ଗୋଟି ଚାଳନା ଆରମ୍ଭ କରିଛନ୍ତି ଶମ୍ଭୁ ପାଣିଗ୍ରାହୀ । ରବିବାର ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ପିସିସି ସଭ୍ୟ ଶମ୍ଭୁ ପାଣିଗ୍ରାହୀ କନିଷି ହାଟରୁ ବାଇକ୍ ଶୋଭାଯାତ୍ରାରେ ବାହାରି ପାନ୍ନାପୁଲ୍ଲୀରେ ପହଞ୍ଚିଥିଲେ । ଉଭୟ ନେତା ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା



କରିବା ସହ ମୁଁ ସବୁବେଳେ ଆପଣଙ୍କ ପାଖରେ ଅଛି ବୋଲି ଶମ୍ଭୁ ପାଣିଗ୍ରାହୀ କହିଥିଲେ । ଜାତୀୟ ସମ୍ପତିକୁ ବିକି ଚାଲିଛି ବିଜେପି ଏଥିରେ ରୋକ୍ ଲାଗିବା ନିହାତି ଦରକାର । ଗୋପାଳପୁର ନିର୍ବାଚନମଣ୍ଡଳୀରୁ ସତ୍ତା ପରିବର୍ତ୍ତନ କରି ଏଥିରେ ରୋକ୍ ଲଗାଇବାକୁ ବିଧାୟକ ଜେନା ଆହ୍ୱାନ ଦେଇଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନ ଭିତରେ ଏହି ନିର୍ବାଚନୀ ମଣ୍ଡଳୀର ନକ୍ସା ପରିବର୍ତ୍ତନ କରିବି ବୋଲି ବିଧାୟକ ଜେନା କହିଥିଲେ । ରାଜ୍ୟ କୃଷକ ସେଲ୍‌ର ଉପସଭାପତି ଶିବରାମ ପ୍ରଧାନ, ଛାତ୍ର ସାଧାରଣ ସମ୍ପାଦକ ମହେଶ ଗୌଡ଼, ଟି. ଜୟରାମ ରେଡି, ଟି. ରଘୁନାଥ ରେଡି, ଜି. ରାଜେୟା ରେଡି, ଭଗବାନ ରେଡି, ଇ. ଭାଗିରଥୀ ରେଡି, ପିଣ୍ଟୁ ଜେନା ଓ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ୧୯୭୪ ମାଟ୍ରିକ ବ୍ୟାଚ୍‌ର ଆଲୁମିନି ମିଟ୍

ଧରାକୋଟ, ୮ ।୨(ସମିସ): ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟର ୧୯୭୪ ମେଟ୍ରିକ ବ୍ୟାଚ ଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଶାନ୍ତିଝର ପୀଠରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମସ୍ତେ ସାମ୍ପ୍ରତିକ ପରିସ୍ଥିତିରେ ନିଜ ନିଜର ସାମାଜିକ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ ଧରାକୋଟ ବ୍ଲକର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ସୃଷ୍ଟି କରିଥିବା ଅନେକ ବିଜ୍ଞ ବ୍ୟକ୍ତିତ୍ୱ, ପ୍ରଶାସନିକ ଅଧିକାରୀ, ରାଜନୈତିକ ବ୍ୟକ୍ତି, ଆଇନଜୀବୀ ଯେଉଁମାନେ ଆଜି



ସମାଜରେ ସୁପ୍ରତିଷ୍ଠିତ ସେମାନଙ୍କ ଉପରେ ଆଲୋଚନା କରାଯାଇ ଆଗାମୀ ଦିନରେ ଏହି ଶିକ୍ଷାନୁଷ୍ଠାନ କିପରି ଅଧିକ ସୁନାମ ଅର୍ଜନ କରିପାରିବ ସେଥିପାଇଁ ସମସ୍ତେ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମରେ ସର୍ବଶ୍ରୀ ଆଶିଷ ପାଣିଗ୍ରାହୀ, ଅରକ୍ଷିତ ପାତ୍ର, ଶଙ୍କର ଦାସ, କୃଷ୍ଣଚନ୍ଦ୍ର ସିଂହ, ଅଶୋକ ବରାଡ, କୃତିବାସ ସାହୁ, ବିପିନ ବିହାରୀ ଦାସ, ସୀମାଞ୍ଚଳ ବେବର୍ତ୍ତାଙ୍କ ସମେତ ସଂଖ୍ୟାଧିକ ସହପାଠୀ ଉପସ୍ଥିତ ରହିଥିଲେ ।

## ଅଟାକଳରେ ହାତ ପଶି ନାବାଳକ ଗୁରୁତର

ସାନଖେମୁଣ୍ଡି, ୮ ।୨(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ରେଡି ସାହିରେ ଏକ ଅଟାକଳରେ ହାତ କଟି ଜଣେ ନାବାଳକ ଗୁରୁତର ହୋଇଛନ୍ତି । ନାବାଳକ ଜଣଙ୍କ ହେଉଛନ୍ତି କାଳିଆ ସାହୁଙ୍କ ସାନ ପୁଅ । ସୂଚନା ମୁତାବକ, ନାବାଳକ ଜଣକ ତାଙ୍କ ମାମୁ ଘରକୁ ଆସିଥିବା ବେଳେ ଅଟାକଳ ଚାଲିଥିବାବେଳେ ସେ ହାତ ପୁରାଇ ଦେଇଥିଲେ । ଫଳରେ ହାତର ଆଙ୍ଗୁଳି ପଶି ଯାଇଥିଲା । ଅଗ୍ନିଶମବାହିନୀ ପହଞ୍ଚି ନାବାଳକର ହାତ ବାହାର କରି ଡାକ୍ତରଖାନାକୁ ନେଇଥିଲେ ।

## ତ୍ରିମୁର୍ତ୍ତୀ ଶିବ ଜୟନ୍ତୀ ପାଳିତ

କବିସୂର୍ଯ୍ୟନଗର, ୮ ।୨(ସମିସ): କବିସୂର୍ଯ୍ୟନଗର ଠାରେ ତ୍ରିମୂର୍ତ୍ତୀ ଶିବ ଜୟନ୍ତୀ ପାଳିତ ହୋଇଯାଇଛି । ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଦିଦି ମୁଖ୍ୟବକ୍ତା ହିସାବରେ, କବିସୂର୍ଯ୍ୟନଗର ଅଞ୍ଚଳର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥିରୂପେ କବିସୂର୍ଯ୍ୟନଗର ଥାନା ଅତିରିକ୍ତ ଥାନା ଅଧିକାରୀ ହେମାରାଣୀ ଶର୍ମା, ସମାଜ ସେବୀ ଜି. ଶମ୍ଭୁଲିଙ୍ଗମ ଆଚାରି, ଅବସରପ୍ରାପ୍ତ ସ୍ଥଳସେନା କ୍ୟାପଟେନ ଟି.ରାମେଶ୍ୱର ପାତ୍ର, ଡା. କଂଗ୍ରେସ ପ୍ରଧାନ ଯୋଗଦେଇଥିଲେ । ମୁଖ୍ୟ ଅତିଥି ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଶିବ ଧ୍ୱଜା ଉତ୍ତୋଳନ ସହ ଶିବ ସନ୍ଦେଶ ଯାତ୍ରା ଉଦଘାଟନ କରିଥିଲେ ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡା, ୮ ।୨(ସମିସ): ସ୍ଥାନୀୟ ଗୋଲାମୁଣ୍ଡୁଳା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏସ୍ଏମସି ସଭାପତି କବିରାଜ ଗୌଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ବୈକୁଣ୍ଠନାଥ ଗୌଡ଼ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସିଆରସିସି କିରଣବାଳା ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ପିତାମ୍ବର ବିଷୋୟୀ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରତାପ କୁମାର ଖାଡ଼ଙ୍ଗା, ସଞ୍ଜିବ କୁମାର ମହାନ୍ତି, ହିମାଂଶୁ କୁମାର ଦାସ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ମହାନ୍ତି ଓ ସୁଚିସ୍ମିତା ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ବେହେରା ବାର୍ଷିକ ବିବରଣୀ ପଠନ ଏବଂ ଶିକ୍ଷୟିତ୍ରୀ ମଧୁସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଚଳ ସୋଲାର ପ୍ରକଳ୍ପ; ଗ୍ରାମବାସୀ ହନ୍ତସନ୍ତ



ବୈପାରିଗୁଡ଼ା,୮ ।୨(ସମିସ): ବୈପାରିଗୁଡା ବ୍ଲକର ବାଲିଭଟ୍ଟା ଗ୍ରାମରେ ଅଚଳ ସୋଲାର ପ୍ରକଳ୍ପକୁ ନେଇ ହନ୍ତସନ୍ତ ଗ୍ରାମବାସୀ । ବାଲିଭଟ୍ଟା ଗ୍ରାମବାସୀଙ୍କ ପାନୀୟ ଜଳର ସୁବିଧା ପାଇଁ ବହୁ ବର୍ଷ ତଳେ ଏକ ନଳକୂପ ଖନନ କରାଯାଇ ସେଥିରେ ସୋଲାର ପାନୀୟ ପ୍ରକଳ୍ପ ସଂଯୋଗ କରାଯାଇଥିଲା । ସୋଲାର ପ୍ରକଳ୍ପ ନିର୍ମାଣ ହେବା ଫଳରେ ଗ୍ରାମବାସୀ ସୁବିଧାରେ ପିଇବା ପାଣି ପାଇ ପାରୁଥିଲେ । ଗତବର୍ଷର ପ୍ରବଳ ବର୍ଷା ଏବଂ ପବନରେ ଗଛର ଡାଳ ସୋଲାର ପ୍ରକଳ୍ପ ଉପରେ ପଡ଼ି ଯିବାରୁ ତାହା ଭାଙ୍ଗିବା ସହ ଅଚଳ ହୋଇପଡିଥିଲା । ପ୍ରଶାସନ ପକ୍ଷରୁ ଭଙ୍ଗା ସୋଲାର ପ୍ରକଳ୍ପ ବାହାର କରି ଗ୍ରାମର ଅନ୍ୟ ଏକ ଜାଗାରେ ନୂତନ ସୋଲାର ପାନୀୟ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । କିନ୍ତୁ ନୂତନ ସୋଲାର ପ୍ରକଳ୍ପ ବର୍ତ୍ତମାନ ଅଚଳ ଅବସ୍ଥାରେ ପଡିରହିଛି । ବାଲିଭଟ୍ଟା ଗ୍ରାମରେ ୧୫ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ହେଲେ ସୋଲାର ପ୍ରକଳ୍ପ ପାଣି ଟାଙ୍କିରେ ଅଳ୍ପ ପାଣି ଜମିବା ପରେ ବନ୍ଦ ହେଇଯାଏ । ଫଳରେ ଗୋଟିଏ ଦୁଇଟି ଗରା ପାଣି ବାହାରେ । ଗ୍ରୀଷ୍ମ ଋତୁ ଆରମ୍ଭ ପୂର୍ବରୁ ବାଲିଭଟ୍ଟା ଗ୍ରାମର ସୋଲାର ପାନୀୟ ଜଳ ପ୍ରକଳ୍ପ ମରାମତି କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ ।

## ଦେଓମାଳିରେ ଛତିଶଗଡ଼ ପର୍ଯ୍ୟଟକଙ୍କ ମୃତ୍ୟୁ

ପଟାଙ୍ଗି,୮ ।୨(ସମିସ): ଛତିଶଗଡ଼ ରାଜ୍ୟରୁ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ବୁଲିବାକୁ ଆସିଥିବା ୪ ସାଙ୍ଗଙ୍କ ମଧ୍ୟରୁ ଜଣେ ସାଙ୍ଗଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଛତିଶଗଡ ରାଜ୍ୟ ବସ୍ତର ଜିଲ୍ଲାରେ କାର୍ଯ୍ୟରତ ଜଣେ ଗଣମାଧ୍ୟମ ପ୍ରତିନିଧି ବୋଲି ଜଣାପଡିଛି । ସୂଚନା ଅନୁଯାୟୀ ଶନିବାର ଦିନ ବସ୍ତର ଜିଲ୍ଲାରୁ ଚାରିଜଣ ସାଥୀ ବିକ୍ରମ ଲେହେରେ, ନରେନ୍ଦ୍ର ଭବାନୀ, ସ୍ୱରବ ଦେବାଙ୍ଗନ ଏବଂ ଦିନେଶ ରାଜପୁତ ମିଶି ଦେଓମାଳି ବୁଲିବାକୁ ଆସିଥିଲେ । ସାଙ୍ଗ ସବୁ ମିଶି ରାତି ତମାମ ମଜା ମଜଲିସ କରିଥିଲେ । ଏହାପରେ ଦୁଇଜଣ ସାଥୀ ତମ୍ବୁରେ ଏବଂ ଦୁଇଜଣ



ନିଜର କାରରେ ଶୋଇଥିଲେ । ସକାଳେ ଉଠିବା ପରେ ଦିନେଶ ରାଜପୁତଙ୍କ ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କରିଥିଲେ । ତେଣୁ ଅନ୍ୟ ତିନିଜଣ ସାଥୀ ମିଶି ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁନ୍ଦୁଲିକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ସହ ମୃତ ଦିନେଶଙ୍କ ପରିବା ମଧ ପହଞ୍ଚିଥିଲେ । ପରିବାର ବର୍ଗ ପୁଲିସଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିବା ପରେ ପୁଲିସ ମୃତଶରୀରଟିକୁ ଜବତ କରିଥିଲା । ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା ।

## ଭାରତୀ ବିଦ୍ୟାପୀଠ ବାର୍ଷିକ ଉତ୍ସବ

ଗଞ୍ଜାମ, ୮ ।୨(ସମିସ): ସ୍ଥାନୀୟ ଭାରତୀ ବିଦ୍ୟାପୀଠ ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଶନ କୁମାର ବେହେରା, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଜେନା, ସମ୍ମାନିତ ଅତିଥି ଭାରତୀ ବିଦ୍ୟାପୀଠ ପ୍ରାକ୍ତନ କଳା ଶିକ୍ଷକ ସୂର୍ଯ୍ୟ ନାରାୟଣ ଦାସ ଏବିଇଓ ସଂଯୁକ୍ତା ବେହେରା, ବିନିତା ମିଶ୍ର, ବରିଷ୍ଠ କ୍ଲର୍କ ହରିହର ବାରିକି, ପ୍ରଧାନ ଶିକ୍ଷକ ମନୋଜ ବେହେରା ମାଝୀ, ସିଆରସିସି ସନ୍ତୋଷ କୁମାର ଚୌଧୁରୀ ପ୍ରମୁଖ ମଞ୍ଚାସିନ ଥିଲେ । କ୍ରୀଡା ଶିକ୍ଷକ ପ୍ରୀତିରଞ୍ଜନ ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଡିଡିଓ ସୁଚିତ୍ରା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଦୀର୍ଘ ଏଗାର ବର୍ଷ ଧରି ହିସାବ ରକ୍ଷକ ଭାବେ ଦାୟିତ୍ୱ ବହନ କରିଥିବା ବରିଷ୍ଠ କିରାଣୀ ହରିହର ବାରିକିଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଜଣାଇବା ସହ ମାନ ପତ୍ର ପ୍ରଦାନ କରାଯାଇଥିଲା । ଏଥିସହ ବ୍ଲକ ଓ ଜିଲ୍ଲାସ୍ତରରୁ କୃତୀ ଅର୍ଜନ କରିଥିବା ଏବଂ ରାଜ୍ୟ ସ୍ତରୀୟ ପ୍ରୀତିଯୋଗିତାକୁ ମନୋନୀତ ଟାଇକୋଣ୍ଡା ପ୍ରତିଯୋଗିତାରେ ଡି ପ୍ରେମ ପ୍ରସାଦ ରେଡି, ସାଇକେଲିଙ୍ଗରେ ୟସରାଜ ବାଡ଼ତ୍ୟା, ବେଡ଼ବିଟେନରେ ରିତେଶ ମୁଦୁଲି ଏବଂ ଧିରେନ ବେହେରା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଶିକ୍ଷୟିତ୍ରୀ ରଶ୍ମିତା ସିଂ, ସ୍ନେହଲତା ସେଠି, ସୁବାସିନୀ ଯାନୀ ଏବଂ ପ୍ରକାଶ ଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

● ଜି.ଉଦୟଗିରିରେ ପୁଣି ପାରଦ ତଳମୁହାଁ

## ସର୍ବନିମ୍ନ ତାପମାତ୍ରା ୪.୪ ଡିଗ୍ରୀ

ଜି.ଉଦୟଗିରି, ୮ ।୨(ସମିସ): ରାଜ୍ୟରେ ବିଭିନ୍ନ ସ୍ଥାନରେ ତାତିକୁ ନେଇ ଚିନ୍ତା ବଢୁଥିବା ବେଳେ ଜି.ଉଦୟଗିରି ଅଞ୍ଚଳରେ ଶୀତରୁ ମୁକ୍ତି ମିଳୁନି । ଶୀତ ମେଲାଣି ନେବା ପୂର୍ବରୁ ଦୁଇଦିନ ହେଲା କଲବଲ କରୁଛି । ପାରଦ ୫ ଡିଗ୍ରୀ ତଳକୁ ଖସିଛି । ଶନିବାର ସର୍ବନିମ୍ନ ତାପମାତ୍ରା ୫.୬ ରହିଥିବା ବେଳେ ରବିବାର ୪.୪କୁ ଖସିଛି । କୋହଲା ପବନ ଶୀତକୁ ଦ୍ୱିଗୁଣିତ କରିଛି । ଏବେ ଦିନ ତମାମ ଖରାରେ ଲୋକଙ୍କ ସମୟ ବିତୁଥିବା ବେଳେ ସନ୍ଧ୍ୟା ହେଲେ ଲୋକେ ନିଆଁ ସାହାରା ନେଉଥିବା ଦେଖିବାକୁ ମିଳିଛି ।

## ପିଏମଶ୍ରୀ ସ୍କୁଲର ବାର୍ଷିକ ଉତ୍ସବ

ଜଗନ୍ନାଥପ୍ରସାଦ, ୮ ।୨(ସମିସ): ଜଗନ୍ନାଥପ୍ରସାଦ ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ କାଦୁଆ ମଙ୍ଗରାଜପୁର ଠାରେ ଥିବା ପିଏମଶ୍ରୀ ଗୋପୀନାଥ ସ୍ୱାମୀ ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅପାଧକ୍ଷ ନୀଳାଞ୍ଚଳ ଖିଲାର ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ଗୋଦାବରୀଶ ମହାପାତ୍ର, ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ମହେନ୍ଦ୍ର କୁମାର ପଣ୍ଡା, ଗୋଷ୍ଠୀ ଶିକ୍ଷାଧିକାରୀଣୀ କଲ୍ୟାଣୀ ପାଢ଼ୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ବେହେରା, ପରିଚାଳନା କମିଟି ସଭାପତି ମଧୁସୂଦନ ପାଣିଗ୍ରାହୀ, ରୁଦ୍ର ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସିନ ରହିଥିଲେ । ହିନ୍ଦି ଶିକ୍ଷକ ରତ୍ନାକର ସାହୁଙ୍କ ଦ୍ୱାରା ରଚିତ କ୍ଷୁଦ୍ର ଗଳ୍ପ'ବାର୍ଦ୍ଧକ୍ୟର ବେଦନା' ନାଟକଟିରେ ସ୍ମୃତିସ୍ମିତା ଶତପଥୀ, ସଞ୍ଜନା ବିଶୋଇ, ଶୁଭମ ପ୍ରଧାନ, ଅର୍ପିତା ସାହୁ, ସନ୍ତୋଷିନୀ ଗୌଡ଼, ରିତେଶ ସେଠୀ ପ୍ରମୁଖ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ, କୈଳାସ ଚନ୍ଦ୍ର ସୁବୁଦ୍ଧି, ଆଶିଷ କୁମାର ପ୍ରଧାନ, ଜିତେନ୍ଦ୍ର ପ୍ରସାଦ ବେହେରା, ରତ୍ନାକର ଦାସ, ଦୁଃଶାସନ ରାଉତ, ସନ୍ତୋଷ କୁମାର ଷଡ଼ଙ୍ଗୀ, ପ୍ରଜ୍ଞ୍ୟାପ୍ରସାଦ ନାୟକ, ସୁଶାନ୍ତ କୁମାର ନାଇକ, ଆଦିକନ୍ଦ ନାଇକ, ରାଜେଶ କୁମାର ସାହୁ, ଗଣନାଥ ପଟ୍ଟନାୟକ, ନାରାୟଣ ନାଇକ, ଦିଲ୍ଲୀପ କୁମାର ମହାପାତ୍ର, ଶିକ୍ଷୟତ୍ରୀ ନିରୁପମା ସାହୁ, ସାଗରୀକା ପ୍ରଧାନ, କୁସୁମ କୁମାରୀ ବେହେରା, ସନ୍ତୋଷିନୀ ପ୍ରଧାନ, ଗଙ୍ଗାରାଣୀ ସାହୁ, ରଶ୍ମିତା ସାହୁ, ଯୋଗେନ୍ଦ୍ର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଗରିବଙ୍କ ରାହା ପାଲଟିଛି କେଏଟିଏସ୍ ଆୟୁର୍ବେଦିକ କଲେଜ

## ମାଗଣା ପରୀକ୍ଷା ସହ ପଞ୍ଚକର୍ମ ଚିକିତ୍ସା

କୁକୁଡ଼ାଖଣ୍ଡି, ୮ ।୨(ସମିସ)




ପୁରାତନ ଆୟୁର୍ବେଦିକ ଚିକିତ୍ସା ଉପରେ ଲୋକେ ପୁଣି ଆସ୍ଥା ପ୍ରକଟ କଲେଣି । ସେଥିପାଇଁ କେନ୍ଦ୍ର ସରକାର ଆୟୁଷ ମନ୍ତ୍ରଣାଳୟ ଗଠନ କରିବା ସହ ଆୟୁର୍ବେଦିକ ଚିକିତ୍ସା ଲାଗି ପ୍ରୋତ୍ସାହନ ଦେଉଛନ୍ତି । ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ଅଙ୍କୁଶପୁର ଅଞ୍ଚଳରେ ଅବସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଆୟୁର୍ବେଦ କଲେଜ ଓ ହସ୍ପିଟାଲ ଏବେ ଜିଲ୍ଲାରେ ଆୟୁର୍ବେଦ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ଏକ ଭରସାଯୋଗ୍ୟ ଠିକଣା ଭାବେ ପରିଚିତ ହୋଇଉଠିଛି । ଏଠାରେ ପାରମ୍ପରିକ ଆୟୁର୍ବେଦ ଶାସ୍ତ୍ର ସହ ଆଧୁନିକ ଚିକିତ୍ସା ଜ୍ଞାନର ସମନ୍ୱୟ କରି ଏଠାରେ ଛାତ୍ରଛାତ୍ରୀମାନଙ୍କୁ ଆୟୁର୍ବେଦ ଡିଗ୍ରୀ ସ୍ତରର ଶିକ୍ଷା ପ୍ରଦାନ କରାଯାଉଛି । ଏହା ମାଧ୍ୟମରେ ଦକ୍ଷ ବୈଦ୍ୟ ତିଆରି କରିବା ଦିଗରେ ପ୍ରତିଷ୍ଠାନ ଲଗାତାର ପ୍ରୟାସ ଜାରି ରଖିଛି । କଲେଜ ସହ ସଂଲଗ୍ନ ଆୟୁର୍ବେଦ ହସ୍ପିଟାଲରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ରୋଗୀମାନଙ୍କୁ ସାଧାରଣ ଓ ଦୀର୍ଘକାଳୀନ ରୋଗ ପାଇଁ ଆୟୁର୍ବେଦିକ ଚିକିତ୍ସା, ଔଷଧ ପରାମର୍ଶ ଓ ପଞ୍ଚକର୍ମ ଭଳି ସେବା ମାଗଣା ଯୋଗାଇ ଦିଆଯାଉଛି । ନିକଟରେ କେନ୍ଦ୍ର ସରକାରଙ୍କ ପ୍ରୟାସ କ୍ରମେ ଏହି ଚିକିତ୍ସାଳୟରେ ବିଭିନ୍ନ ରୋଗ ନିଦାନ ନିମନ୍ତେ ମାଗଣା ପରୀକ୍ଷା କେନ୍ଦ୍ର ଖୋଲାଯାଇଛି । ଆୟୁର୍ବେଦ ପ୍ରତି ଲୋକମାନଙ୍କ ଆସ୍ଥା ବଢୁଥିବା ସମୟରେ କବିରାଜ ଅନନ୍ତ ତ୍ରିପାଠୀ ଆୟୁର୍ବେଦ କଲେଜ ଓ ହସ୍ପିଟାଲ ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟ ଓ ଶିକ୍ଷା ମାନଚିତ୍ରରେ ନିଜସ୍ୱ ସ୍ଥାନ ଗଢ଼ି ଉଠୁଛି ।

# ପିଏମଶ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ




ରମ୍ଭା, ୮ ।୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଗୋପାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ୪୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

ମୁଖ୍ୟ ଅତିଥି ଭାବେ ଗଞ୍ଜାମ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ଛତ୍ରପୁର ଉପକାରାଗାର ପରିଚାଳକ ପ୍ରସନ୍ନ କୁମାର ସାହୁ, ଗୋପାଳକୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସି.ଏଚ ସୁଧାକର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ନାହାକ, ସୁବଳୟା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍.ମନୋନୀତା ରେଡ୍ଡୀ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବିଜୟ କୁମାର ପଣ୍ଡା, ଏସଏସଡି ହାଇସ୍କୁଲ, ହୁମ୍ମା ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢ଼ୀ, ସିଆରସିସି ସୌମ୍ୟ ରଞ୍ଜନ ସାହୁ, ରମ୍ଭା ଥାନା ଅଧିକାରୀ ପ୍ରସନ୍ନ କୁମାର ବାଲିକନା ପ୍ରମୁଖ ଯୋଗଦେଇ ଶିକ୍ଷା ବ୍ୟବସ୍ଥାର ବିକାଶ ଦିଗରେ ଶିକ୍ଷକ, ଶିକ୍ଷାୟତନ, ସରକାର, ପ୍ରଶାସନ, ଛାତ୍ରଛାତ୍ରୀଙ୍କ ସହ ଅଭିଭାବକଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

